# ଗଜପତି ଠାକୁରରାଜାଙ୍କ ଛେରାପହଁରା

ଶ୍ରୀ ପଙ୍କଜ ସାହୁ

ଛେରାପହଁରା ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ମହାର୍ଘ ବିଭବ । ଆମ ସଂସ୍କୃତିରେ ପ୍ରତ୍ୟେକ ଗୃହବଧୂ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ ପୂର୍ବକ ଗୃହ ଚତୁଃପାର୍ଶ୍ୱରେ ଗୋମୟ ଜଳ (ଛେରା) ଛିଞ୍ଚି, ଖଡ଼ିକା (ପହଁରା)ରେ ଓଳାଇ ଗୃହର ପରିବେଷ୍ଟନୀକୁ ପ୍ରଦୂଷଣ ମୁକ୍ତ ରଖିବା ସହିତ ପରିବେଶର ପରିଚ୍ଛନ୍ନତା ରକ୍ଷାକରିଥାନ୍ତି । ଏହାକୁ ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳୀରେ ଅଗ୍ରାଧିକାର ପ୍ରଦତ୍ତ ହୋଇଅଛି । ମାତ୍ର ଆଲୋଚ୍ୟ ଛେରାପହଁରାରେ 'ଛେରା'ର ସାଧାରଣ ଅର୍ଥକୁ ନେଇ କୌଣସି ସ୍ଥାନକୁ ବହଳିଆ ଘୋରାଚନ୍ଦନ ସିଞ୍ଚି ଓଳାଇଲେ, ତାହାକୁ ଛେରାପହଁରା କୁହାଯିବ ନାହିଁ । କେବଳ ଦେବୋପାସନା ପରମ୍ପରାରେ ଏହି ସେବାର ଉପଯୋଗକୁ ହିଁ 'ଛେରାପହଁରା' କୁହାଯାଇଥାଏ । ବିଶେଷତଃ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ମହାପ୍ରଭୁମାନେ ରଥାସୀନ ହେବାପରେ ତରଳ ଚନ୍ଦନ ଅଭିସିଞ୍ଚନ ପୂର୍ବକ ଗଜପତି ମହାରାଜାଙ୍କ ସମାର୍ଜନ ପ୍ରକ୍ରିୟାକୁ ସମସ୍ତେ 'ଛେରା ପହଁରା' ଅର୍ଥରେ ଗୁରୁତ୍ୱ ଆରୋପ କରିଥାନ୍ତି । ଛେରାପହଁରା ଏକ ପ୍ରକାର ସାଧାରଣ କାର୍ଯ୍ୟ ବୋଲି ଜଣାଯାଉଥିଲେ ମଧ୍ୟ, ଅସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନ ଗଜପତି ମହାରାଜାଙ୍କ କର୍ତ୍ତୃକ ଏହି ସେବା ସମ୍ପାଦିତ ହେଉଥିବାରୁ ଶ୍ରୀଜଗନ୍ନାଥ ସେବାବିଧିରେ ଏହାର ଏକ ସ୍ୱତନ୍ତ୍ର ମାନ୍ୟତା ସ୍ୱୀକୃତ ହୋଇଅଛି ।

ଅର୍କକ୍ଷେତ୍ର କୋଣାର୍କରେ ମାଘସପ୍ତମୀରେ ଅନୁଷ୍ଠିତ ସୂର୍ଯ୍ୟନାରାୟଣଙ୍କ ରଥଯାତ୍ରା ଆଜି ଜନମାନସର ସ୍ମୃତିପଟରୁ ନିର୍ବାପିତ ହେବାକୁ ଯାଉଥିଲା ବେଳେ, ଚୈତ୍ର ଶୁକ୍ଳାଷ୍ଟମୀରେ ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ଅନୁଷ୍ଠିତ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ରଥଯାତ୍ରା, ସର୍ବୋପରି ଦଶହରା ମହାପୂଜା ସମୟରେ ଶକ୍ତିକ୍ଷେତ୍ର ଯାଜପୁରରେ ଅନୁଷ୍ଠିତ ବିରଜାଦେବୀଙ୍କ ରଥଯାତ୍ରାରେ 'ଛେରାପହଁରା ସେବା' ବିଧିରକ୍ଷା ପୂର୍ବକ ଜନୈକ ସେବକଙ୍କ ଦ୍ୱାରା ନାମକୁ ମାତ୍ର ଅନୁସୃତ ହେଉଥିଲେ ହେଁ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଗଜପତି ମହାରାଜାଙ୍କର ଏହା ଏକ ଅପରିହାର୍ଯ୍ୟ ସେବାବିଧି ରୂପେ ସ୍ୱୀକୃତି ଲାଭ କରିଅଛି । ରଥଯାତ୍ରାର ବିଶିଷ୍ଟ ଅଙ୍ଗ ଏହି 'ଛେରାପହଁରା ସେବା' ଠାକୁର ରାଜାଙ୍କ ଅବର୍ତ୍ତମାନତାରେ ମୁଦିରସ୍ତ / ମୁଦ୍ରାହସ୍ତ/ ମୁଦିରଥଙ୍କ ଦ୍ୱାରା ସମାହିତ ହୋଇଥାଏ । 'ରଥ ଚକଡ଼ା'ର ବର୍ଣ୍ଣନାନୁସାରେ 'ରାମଚନ୍ଦ୍ର ବଡ଼ଜେନା ରାଉତ ରାଜୁତିରେ ମୁନିମ୍ ଖାଁ ଡ଼ରରେ ପାଳରେ ପଡ଼ି ମୁଗଲ ବୋଲାଇଲେ । ଶକ ବସ୍‌ରେ ୧୫୦୮ରେ ରଥଯାତ୍ରାରେ ରାଜା ଥାଇ ମୁଗଲ ହୋଇଥିବାରୁ ଛେରାପହଁରା କରିବା ନୋହିଲା । ମୁଦିରଥ ଶାଢ଼ୀ ନଥିବାରୁ ଛେରାପହଁରା ପରିଛା'[୧] ଦାମୋଦର ଚମ୍ପତିରା ଛେରାପହଁରା କରିବା କଥା ଉଠିଲା । ମାତ୍ର ପରିଶେଷରେ ଭିତରଛ ନାରାୟଣ ମହାପାତ୍ର ଛେରାପହଁରା କଲେ[୨]' । ଉପର୍ଯ୍ୟୁକ୍ତ ଅବତାରଣାରୁ ସ୍ପଷ୍ଟ ସୂଚନା ମିଳେ ଯେ, ପରିସ୍ଥିତି ବଶତଃ ଗଜପତିଙ୍କର ଅନୁପସ୍ଥିତିରେ ଛେରାପହଁରା ପରିଛା କିମ୍ବା ଭିତରଛ ମହାପାତ୍ର କରିଛନ୍ତି ସିନା, ହେଲେ ଏ ସେବାକୁ ଉପେକ୍ଷା କରି ରଥଯାତ୍ରା ଅନୁଷ୍ଠିତ ହୋଇନାହିଁ । ହାଫିଜ୍ କାଦରବେଗ୍ ଗଜପତି ରାମଚନ୍ଦ୍ର ଦେବ ଶ୍ରୀଜୀଉଙ୍କ ଛେରାପହଁରା ସେବାକାର୍ଯ୍ୟ ନିମିତ୍ତ ଅଯୋଗ୍ୟ ବିବେଚିତ ହେବାରୁ ତତ୍‌କାଳରେ ଏହି ସେବା ରାଜପ୍ରତିନିଧି ମୁଦିରଥଙ୍କ ଦ୍ୱାରା ନିର୍ବାହ କରାଯାଇଥିଲା । ରାମଚନ୍ଦ୍ର ଦେବଙ୍କ ପରେ ବୀରକିଶୋର ଦେବ ଗଜପତି ରୂପେ ଅଭିଷିକ୍ତ[୩] ହେବାପରେ ଏହି ସେବାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିଲେ । ସେହି ଦିନ ଠାରୁ ଉକ୍ତ ସେବାବିଧି ଯଥାରୀତି ଅନୁସୃତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଛେରାପହଁରା ସେବାବିଧି ସମ୍ବନ୍ଧରେ ସମ୍ୟକ୍ ଆଲୋଚନା ଅବଶ୍ୟମ୍ଭାବୀ ମନେହୁଏ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁବିଗ୍ରହ ପରିକଳ୍ପନା ପରେ ପରେ ରଥଯାତ୍ରା ବିଧି ପ୍ରଚଳିତ ହୋଇଥିଲେ ମଧ୍ୟ ଛେରାପହଁରା ସେବାବିଧି ପ୍ରବର୍ତ୍ତନ ରଥଯାତ୍ରାର ସମସାମୟିକ ନୁହେଁ । କିଞ୍ଚିତ୍ ପରବର୍ତ୍ତୀ କାଳରେ ଏହି ବ୍ୟବସ୍ଥା ଶ୍ରୀଜଗନ୍ନାଥଙ୍କ ସେବା ପରମ୍ପରାରେ ସଂଯୋଜିତ ହୋଇଅଛି । କପିଳେନ୍ଦ୍ର ଦେବ ଆମର ନମସ୍ୟ । ସେବ୍ୟସେବକ ଭାବଧାରାରେ ସେ ଉକ୍ତ ଛେରାପହଁରା ବିଧି ପ୍ରଚଳନ[୪] କରିଥିଲେ । ମାତ୍ର ବୈଷ୍ଣବ ଲୀଳାମୃତ[୫] କାବ୍ୟାନୁଶୀଳନରୁ ଜଣାଯାଏ ଯେ ସମଗ୍ର ଗଙ୍ଗ ରାଜତ୍ୱରେ କୌଣସି ଶାସକ ଚଣ୍ଡାଳ ରୂପେ ଆଖ୍ୟାୟିତ

ହୋଇନାହାନ୍ତି । ପୁରୁଷୋତ୍ତମ ଦେବ ସର୍ବପ୍ରଥମେ ଏହି ସେବା ପ୍ରବର୍ତ୍ତନ[୬] କରି ଚଣ୍ଡାଳ ରୂପେ ଭର୍ତ୍ସିତ ହୋଇଥିବାରୁ କାଞ୍ଚିଯୁଦ୍ଧର ସୂତ୍ରପାତ ହୋଇଥିଲା । ଅବଶ୍ୟ ପୁରୁଷୋତ୍ତମ ଦେବ ଏକ ବିଶେଷ ପରିସ୍ଥିତିର ଶିକାର ହୋଇ ଛେରାପହଁରା ସେବାକୁ ବରଣ କରିନେଇଥିଲେ । କପିଳେଶ୍ୱର ଦେବଙ୍କ ବିବାହିତା ପତ୍ନୀ ତଥା ପାଟରାଣୀଙ୍କ ଗର୍ଭସମ୍ଭୂତ ପ୍ରଥମ ସନ୍ତାନ କୁମାର ହମୀର ଥିଲେ ଜଣେ ସୁଦକ୍ଷ ରାଜପୁତ୍ର । ଅତଏବ ରାଜତନ୍ତ୍ରର ନିୟମାନୁସାରେ ଉତ୍ତରାଧିକାର ସୂତ୍ରରେ ଓଡ଼ିଶାର ରାଜସିଂହାସନ ତାଙ୍କର ହିଁ ପ୍ରାପ୍ୟ । ମାତ୍ର କପିଳେନ୍ଦ୍ର ଦେବଙ୍କ ମୃତ୍ୟୁପରେ ହମୀରଙ୍କର ରାଜଧାନୀରେ ଅନୁପସ୍ଥିତିର ସୁଯୋଗ ନେଇ ଶ୍ରୀଜଗନ୍ନାଥଙ୍କ ପ୍ରଭାବଶାଳୀ ସେବକମାନେ କପିଳେନ୍ଦ୍ରଙ୍କର 'ଫୁଲବିବାହୀ' ବା ଭୋଗିନୀ ଅର୍ଥାତ୍ ପୋଇଲି ପୁଅ ପୁରିଆ (ପୁରୁଷୋତ୍ତମ)ଙ୍କୁ କପିଳେନ୍ଦ୍ରଙ୍କର ଉତ୍ତରାଧିକାରୀ ରୂପେ ରାଜସିଂହାସନରେ ଅଭିଷିକ୍ତ କରାଇ ତାଙ୍କଦ୍ୱାରା ଏକ ବିଶେଷ ସେବା ନିର୍ବାହ ନିମିତ୍ତ ପରାମର୍ଶ ଦେଲେ । ଏହି ପରିପ୍ରେକ୍ଷୀରେ 'ମାଦଳାପାଞ୍ଜି'ରେ ଉଲ୍ଲେଖ ଅଛି ଯେ 'ତୁ ଜଗନ୍ନାଥଙ୍କର ବଡ଼ ସେବକ । ତୁ ବଡ଼ ସେବା କିଛି କର । ନ ହେଲେ ତୋ ବଡ଼ ସେବକପଣ କିଛି ରହି ନପାରେ । ବଡ଼ ସେବା କ'ଣ ? ସମାର୍ଜନୀ ଚାଳନା ହିଁ ବଡ଼ ସେବା । ରଥଯାତ୍ରା ବେଳେ ରଥ ଉପରେ ସମାର୍ଜନୀ ଚାଳନାରେ ହିଁ ତୋର ବଡ଼ପଣ ରହିବ'[୭] । ସେବକମାନଙ୍କ ପରାମର୍ଶ କ୍ରମେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ତଥା ପ୍ରଧାନ ସେବକ ଗଜପତି ପୁରୁଷୋତ୍ତମ ଦେବଙ୍କ ପ୍ରକୃଷ୍ଟ ସେବା ହେଲା ଛେରାପହଁରା । ପ୍ରତିବର୍ଷ ରଥଯାତ୍ରାରେ ଛେରାପହଁରା ସେବା କରି ସେ ଶ୍ରୀଜଗନ୍ନାଥଙ୍କ ସେବାବିଧିରେ ଏକ ନୂତନ ପରମ୍ପରା ସୃଷ୍ଟି କଲେ ସତ, ହେଲେ କାଞ୍ଚିରାଜ ଶାଲ୍ୱ ନରସିଂହ ଦେବ ସ୍ୱୀୟ ପଦ୍ମିନୀଜାତୀୟା କନ୍ୟା ରୂପାମ୍ବିକା ସହିତ ଚଣ୍ଡାଳର କୁତ୍ସିତ କାର୍ଯ୍ୟ ନିର୍ବାହ କରୁଥିବା ପୁରୁଷୋତ୍ତମ ଦେବଙ୍କ ସହିତ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ଏହାଦ୍ୱାରା ଗଜପତି କାଞ୍ଚି ଆକ୍ରମଣ କରିବାକୁ ବାଧ୍ୟ ହୋଇଥିଲେ । ଯୁଦ୍ଧ ବିଗ୍ରହ ଅବ୍ୟାହତ ଥିବା ଅବସ୍ଥାରେ ପୁନଶ୍ଚ ଶ୍ରୀଗୁଣ୍ଡିଚା ସାମ୍ବତ୍ସରିକ ରଥଯାତ୍ରା ଅନୁଷ୍ଠାନରେ ଅପରିହାର୍ଯ୍ୟ ଛେରାପହଁରା ନୀତି ପରିଚାଳନା ନିମିତ୍ତ ଗଜପତି ପୁରୁଷୋତ୍ତମ ଦେବ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିବାକୁ ବାଧ୍ୟ[୮] ହୋଇଥିଲେ । ଏହାକୁ ଆଧାର କରି କାଞ୍ଚି ଯୁଦ୍ଧରେ ଗଜପତି ପୁରୁଷୋତ୍ତମ ଦେବ ପ୍ରଥମବାର ପରାଜୟ ବରଣ କରିଥିଲେ ବୋଲି କିମ୍ବଦନ୍ତୀ ଗଢ଼ି ଉଠିଛି । ଛେରାପହଁରା ସେବା ନିମିତ୍ତ ପରାଜୟ ଗ୍ଲାନିରେ ଜର୍ଜରିତ ଗଜପତିଙ୍କୁ ଭାବଗ୍ରାହୀ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ବଡ଼ଠାକୁର ଶ୍ରୀବଳଭଦ୍ର ସହାୟତା କରିବା ଫଳରେ ପୁରୁଷୋତ୍ତମ ଦେବ କାଞ୍ଚିଜୟ ପୂର୍ବକ ରୂପାମ୍ବିକା ଓ ଭଣ୍ଡଗଣେଶଙ୍କ ସହ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲେ । ପିତୃ ପ୍ରଦତ୍ତ ଅପମାନର ପ୍ରତିବିଧାନ ନିମିତ୍ତ ରୂପାମ୍ବିକାଙ୍କୁ ଏକ ଚଣ୍ଡାଳ ସହ ବିବାହ ଦେବା ନିମିତ୍ତ ଗଜପତି ମହାରାଜା ମହାମନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ପରବର୍ତ୍ତୀ ରଥଯାତ୍ରାରେ ଗଜପତି ଛେରାପହଁରା କରୁଥିବା ଅବସ୍ଥାରେ ମହାମନ୍ତ୍ରୀ ସ୍ୱୀୟ ବୁଦ୍ଧିମତ୍ତାର ପରିଚୟ ଦେଇ ଗଜପତିଙ୍କୁ ଚଣ୍ଡାଳ ରୂପେ ସାବ୍ୟସ୍ତ କରାଇ କାଞ୍ଚିଜେମା ସହ ବିବାହ ଦେବାର ସୂତ୍ରପାତ କଲେ । ପରମ୍ପରାନୁସାରେ ବିବାହ ବେଦୀରେ ରୂପାମ୍ବିକାର ନାମ ପରିବର୍ତ୍ତିତ ହୋଇ 'ପଦ୍ମାବତୀ'ରଖାଗଲା । ଏତାଦୃଶ ମହନୀୟ କର୍ମ ସମ୍ପାଦନା ହିଁ 'କାଞ୍ଚି ଅଭିଯାନ'ର ଉତ୍ସ ଅଟେ । ଏହି ଆଖ୍ୟାୟିକାକୁ ଉପଜୀବ୍ୟ କରି ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ସମୃଦ୍ଧିଶାଳିନୀ ।

ଛେରାପହଁରା ସେବା ସମ୍ବନ୍ଧରେ ଅନୁସନ୍ଧାନ କଲେ ଜଣାଯାଏ ଯେ, ନୀଳମାଧବଙ୍କୁ ଶବରରାଜ ବିଶ୍ୱାବସୁ ନୀଳଗିରିର ପାର୍ବତ୍ୟକନ୍ଦରରେ ନିଭୃତ ଉପାସନା କରୁଥିଲେ । ଯେହେତୁ ସେ ସ୍ଥାନରେ ଅନ୍ୟ କାହାର ପ୍ରବେଶ ସୁଯୋଗ ନଥିଲା, ସେହି ହେତୁ ପୂଜା ପୂର୍ବରୁ ସ୍ୱୟଂ ବିଶ୍ୱାବସୁ ପ୍ରତ୍ୟହ ନୀଳମାଧବଙ୍କ ଆସ୍ଥାନ ପରିବେଶ ସମ୍ମାର୍ଜନ କରୁଥିବେ ନିଶ୍ଚୟ । ପରମ୍ପରାନୁସରଣରେ ଠାକୁରରାଜା ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ଗର୍ଭଗୃହ ସମାର୍ଜନ କରିବାକୁ ଜୀବନର ଶ୍ରେଷ୍ଠ କର୍ମରୂପେ ବରଣ କରିନେଇଥିବା ଅସମୀଚୀନ ନୁହେଁ । ଶବରରାଜ ଓ ଆର୍ଯ୍ୟ ରାଜପୁରୁଷଙ୍କ ସମ୍ମିଳିତ କର୍ମ ପରମ୍ପରା ହିଁ ଛେରାପହଁରା । ସମୟର ପରିବର୍ତ୍ତନ ସହିତ ଗଣତନ୍ତ୍ରର ଅଭ୍ୟୁଦୟ ଫଳରେ ପୃଥିବୀରେ ସର୍ବତ୍ର ରାଜତନ୍ତ୍ରର ଅବସାନ ଘଟିଥିଲେ ମଧ୍ୟ ସମ୍ପ୍ରତି ଗଜପତିଙ୍କର ଶ୍ରୀଜଗନ୍ନାଥଙ୍କ ସେବାବିଧିରେ ଆଦ୍ୟ ସେବକ ଗଜପତି ମହାରାଜାଙ୍କର ରାଜନୀତିସେବା ଅଦ୍ୟାବଧି ଅବ୍ୟାହତ ରହିଅଛି । ଅର୍ଥାତ୍ ଶ୍ରୀଜୀଉଙ୍କ ଉପାସନା ପରମ୍ପରାରେ ଏବେ 'ରାଜନୀତି' ନାମରେ ଏକ ବିଶେଷ ବିଧି ପ୍ରଚଳିତ ଅଛି । ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ସକାଳ ବେଶ ବଢ଼ିବା ଉତ୍ତାରେ ଖୁଣ୍ଟିଆ ବେତଧରି 'ମଣିମା' 'ମଣିମା' ଡ଼ାକ ଦିଅନ୍ତି ଓ ଅଖଣ୍ଡମେକାପ ବଇଠା ଧରି ଦଣ୍ଡାୟମାନ ଥାନ୍ତି । ପାଳିଆ ଖୁଣ୍ଟିଆ ଶ୍ରୀଜୀଉଙ୍କ ଉପରେ ଶୁକ୍ଳପୁଷ୍ପ ବର୍ଷଣ କରନ୍ତି । ଇତ୍ୟବସରରେ ଗଜପତି

ମହାରାଜା ଶ୍ରୀଜଗନ୍ନାଥଙ୍କ ସନ୍ନିଧିରେ ଉପସ୍ଥିତ ରହି କର୍ପୂର ଆଳତି କରନ୍ତି ଓ ପରେ ପରେ ଭଣ୍ଡାର ମେକାପ ଯୋଗାଇଥିବା ଉପଚାର ସାମଗ୍ରୀରେ ସେ ଆଲଟ ଚାମର ସେବା ସମାହିତ କରନ୍ତି । ସମ୍ଭବତଃ ଗଜପତି ମହାରାଜାଙ୍କ ଦ୍ୱାରା ଏହି ନୀତି ସମ୍ପାଦିତ ହେଉଥିବାରୁ ଏହା 'ରାଜା ନୀତି' ନାମରେ ଅଭିହିତ ହୋଇଅଛି । ପୂର୍ବେ ଗଜପତି ପ୍ରତ୍ୟହ ରାଜନୀତି ସମାପନ ପରେ ରତ୍ନସିଂହାସନ ଚତୁଃପାର୍ଶ୍ୱ ସଂମାର୍ଜନ କରୁଥିଲେ । କ୍ରମେ ସେ ପ୍ରଥା ପରିବର୍ତ୍ତିତ ହୋଇ ଗଜପତି ଯେଉଁଦିନ ଶ୍ରୀଜୀଉ ଦର୍ଶନକୁ ଯାଉଥିଲେ, ସେଦିନ ରାଜନୀତି ବନ୍ଦାପନା ସଙ୍ଗେ ସଙ୍ଗେ ଗର୍ଭଗୃହ ସଂମାର୍ଜନ କଲେ । ସମ୍ପ୍ରତି ରାଜପ୍ରତିନିଧି ପ୍ରତ୍ୟହ ରାଜନୀତି ସମ୍ପାଦନ କରୁଥିଲେ ହେଁ ଗଜପତିଙ୍କ ଦ୍ୱାରା ଅନୁସୃତ ଗର୍ଭଗୃହ ସଂମାର୍ଜନ ପ୍ରକ୍ରିୟା ପ୍ରାୟତଃ ଲୋପ ପାଇଛି । ମାତ୍ର କେତେକ ଉତ୍ସବାନୁଷ୍ଠାନରେ ଉକ୍ତ ଛେରାପହଁରା ଏକ ବିଶେଷ ବିଧି ରୂପେ ଆଚରିତ ହେଉଅଛି ।

ଗଜପତି ମହାରାଜା କେବଳ ଯେ ଗର୍ଭଗୃହ ସଂମାର୍ଜନ କରୁଥିଲେ । ପରେ ପରେ ସେ ରଥଯାତ୍ରାରେ ମହାପ୍ରଭୁମାନେ ରଥରେ ବିଜେ କଲା ପରେ ଏବଂ ବାହୁଡ଼ାଯାତ୍ରାରେ ପ୍ରତ୍ୟାବର୍ତ୍ତନ ପାଇଁ ରଥାରୋହଣ କଲାପରେ ରଥରେ ଛେରାପହଁରା କଲେ । ଚନ୍ଦନଯାତ୍ରା ଅବସରରେ ଚାପ ଉପରେ ପ୍ରଥମ ଦିନ ଓ ଶେଷଦିନ, ସର୍ବୋପରି ସ୍ନାନବେଦୀ ଓ ଦୋଳବେଦୀରେ ଛେରାପହଁରା କରୁଥିଲେ[୯] । ଗଜପତିଙ୍କ ଅନୁପସ୍ଥିତିରେ ମୁଦିରଥ ଏ ସେବା ସମ୍ପାଦନ କରିଥାନ୍ତି । ଏକଦା ଶ୍ରୀଜୀଉମାନେ ସ୍ନାନବେଦୀକୁ କିମ୍ବା ରଥ ଉପରକୁ ବିଜେ କରିବା ସମୟରେ ଗଜପତି ପ୍ରଣାମ ଜ୍ଞାପନ ପୂର୍ବକ ଚନ୍ଦନ ଛେରା ପକାଇ ସୁନାଖଡ଼ିକାରେ ପହଣ୍ଡିବିଜୟ ପଥ ସମାର୍ଜନ[୧୦] କରୁଥିଲେ । ଏକଦା ଗଜପତି ରଥମାର୍ଗ ଶୋଧନ କଲାପରେ ରାଜଦାଣ୍ଡରେ ଚିତା ପଡ଼ି ତା ଉପରେ ରଥଯାତ୍ରା ହେଉଥିଲା । ଖ୍ରୀ. ୧୪୬୦ରେ ଗଜପତି ପ୍ରତାପରୁଦ୍ର ଦେବ ରଥମାର୍ଜନା ପରିବର୍ତ୍ତେ ରଥର ପୁରୋଭାଗରେ ସ୍ୱୟଂ ରଥଦାଣ୍ଡ ଓଳାଇ ଓଳାଇ ଯାଇଥିଲେ[୧୧] । ଗୌଡ଼ୀୟ ବୈଷ୍ଣବ ଚୈତନ୍ୟ ସ୍ୱୟଂ ରଥଯାତ୍ରା ସମୟରେ କାଶୀ ମିଶ୍ର, ତୁଳସୀ ପରିଛା ଓ ବାସୁଦେବ ସାର୍ବଭୌମଙ୍କ ସହ ନିଜ ବସ୍ତ୍ରରେ ଗୁଣ୍ଡିଚା ଗୃହ ଓ ରତ୍ନବେଦୀ ସମାର୍ଜନ[୧୨] କରିଥିଲେ । ବାହୁଡ଼ା ଯାତ୍ରା ସମୟରେ ଗଜପତି କିମ୍ବା ମୁଦିରଥ ଛେରାପହଁରା କଲାପରେ ଚାରି ଫିଟି ଶ୍ରୀଜୀଉମାନେ ଦକ୍ଷିଣାଭିମୁଖ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ଯାତ୍ରା[୧୩] କରିଥାନ୍ତି । ଗଜପତିମାନେ ବାହୁଡ଼ା ରଥରେ ଛେରାପହଁରା କରିବାକୁ ଅନୁରୂପ ଗୁରୁତ୍ୱ ନ ଦେବା ଫଳରେ ମୁଦିରଥ ସାଧାରଣତଃ ଏହି ସେବା ସଂପାଦନ କରିଥାନ୍ତି । ମାତ୍ର ବର୍ତ୍ତମାନର ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ପ୍ରାୟ ନିୟମିତ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଉଭୟ ରଥଯାତ୍ରାରେ ଛେରାପହଁରା କରି ଆସୁଛନ୍ତି । କେତେକ ଗଜପତି ଅତୀତରେ ଶରଧାବାଲି ଓ ଝୁଲଣମଣ୍ଡପ ମାର୍ଜନା କରିଥିବାର ଶୁଣିବାକୁ ମିଳେ । ଉପର୍ଯ୍ୟୁକ୍ତ ବିଭିନ୍ନ ଉତ୍ସବାନୁଷ୍ଠାନରେ ଭିନ୍ନ ଭିନ୍ନ ପଦ୍ଧତିରେ ଛେରାପହଁରା ହେଉଥିଲେ ହେଁ ଶ୍ରୀଗୁଣ୍ଡିଚା ଯାତ୍ରାଦିନ ରଥରେ ଗଜପତିଙ୍କ ଦ୍ୱାରା ସମ୍ପାଦିତ ଛେରାପହଁରାର ସ୍ୱାତନ୍ତ୍ର୍ୟ ରହିଛି ।

ଛେରାପହଁରାର ଅବ୍ୟବହିତ ପୂର୍ବରୁ ରଥଯାତ୍ରାର ଆନୁଷଙ୍ଗିକ ପ୍ରସ୍ତୁତିପର୍ବ ସମ୍ବନ୍ଧରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ, ଭକ୍ତଗଣଙ୍କ ସାମୂହିକ ସ୍ତୁତିପାଠ, ସମବେତ ଜନତାଙ୍କ ବିପୁଳ ଉତ୍ସାହ, ଅଦମ୍ୟ ଉନ୍ମାଦନା ତଥା ଗଗନ ପବନକୁ ପ୍ରକମ୍ପିତ କରୁଥିବା ସଂକୀର୍ତ୍ତନ ଧ୍ୱନି ମଧ୍ୟରେ ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ବିଜେ ହୋଇ ରଥ ସିଂହାସନୋପରି ଉପବିଷ୍ଟ ହେଲାପରେ ରଥାକର୍ଷଣ ସମୟରେ ଦୁର୍ଘଟଣାରହିତ ଯାତ୍ରା ନିମିତ୍ତ ଚାଙ୍ଗଡ଼ା ମେକାପ ଯୋଗାଇଥିବା 'ଗୋଲ ତକିଆ' ମହାପ୍ରଭୁମାନଙ୍କ ପୃଷ୍ଠଦେଶରେ ଲାଗିହୁଏ । ଏହାକୁ 'ଚକା ଅପସର ଲାଗି' କୁହାଯାଏ । ବ୍ୟୋମଯାନରେ ଯାତ୍ରାକାଳରେ ବିମାନଯାତ୍ରୀମାନଙ୍କୁ ଯେପରି କମରପଟି ସାହାଯ୍ୟରେ ବନ୍ଧା ଯାଏ; ସେହିପରି ଚକାଅପସର ଲାଗିପରେ ଠାକୁରମାନଙ୍କ ନିରାପତ୍ତା ନିମିତ୍ତ ସେମାନଙ୍କୁ ସିଂହାସନ ସଂଯୁକ୍ତ ପୃଷ୍ଠଭାଗ ପ୍ରଭାରେ ପାଟଡ଼ୋରି ଦ୍ୱାରା ରୁନ୍ଧାଯାଏ । ଅର୍ଚ୍ଚାପ୍ରତିମା ବ୍ୟତିରେକେ ମହାପ୍ରଭୁଙ୍କର କୌଣସି ଯାତ୍ରାଙ୍ଗ ନୀତି ସମ୍ପାଦନ ସମ୍ଭବ ନୁହେଁ । ତେଣୁ ମହାଜନମାନେ ଶ୍ରୀମନ୍ଦିର ସଂଲଗ୍ନ ଦକ୍ଷିଣଘରୁ ବିଜେ ପ୍ରତିମା/ଚଳନ୍ତି ପ୍ରତିମା/ଉତ୍ସବ ମୂର୍ତ୍ତି ଅର୍ଥାତ୍ ପ୍ରତିନିଧି ଠାକୁରମାନଙ୍କୁ ପାଲିଙ୍କିରେ ଆଣି ନନ୍ଦିଘୋଷରେ ମଦନ ମୋହନ ଓ ତାଳଧ୍ୱଜରେ ରାମକୃଷ୍ଣଙ୍କୁ ସମାସୀନ କରାଇଥାଆନ୍ତି । ତତ୍ପରେ ରତ୍ନଭଣ୍ଡାର ହାରରୁ କୋଠ ସୁଆଁସିଆମାନେ ଚଉଦ ମହଣ (ପ୍ରାୟ ସାତ କ୍ୱିଣ୍ଟାଲ) ଓଜନର ଦୁଇଗୋଟି ବଡ଼ ସିନ୍ଦୂକ ବୋହି ଆଣି ନନ୍ଦିଘୋଷ ରଥରେ ଚକାବଇଠିର ପଶ୍ଚାତ୍ ଭାଗରେ ଅବସ୍ଥାପିତ କରିଥାନ୍ତି । ତନ୍ମଧ୍ୟରୁ ଗୋଟିକରେ ଯାତ୍ରାକାଳୀନ ନବଦିବସରେ ପରିଧାନ ନିମିତ୍ତ ଆବଶ୍ୟକ ପାଟବସ୍ତ୍ର ଓ ଅନ୍ୟଟିରେ ବେଶଭୂଷଣ ନିମିତ୍ତ ପ୍ରୟୋଜନୀୟ ଅଳଙ୍କାର ପ୍ରଭୃତି ଗଚ୍ଛିତ ଥାଏ । ତଦନନ୍ତର

ପାଣିଆପଟ [୧୪] ଓ ଦର୍ପଣିଆ ଗାଧୁଆକୁଣ୍ଡ ନେଇ ରଥରେ ଯଥାସ୍ଥାନରେ ସଜେଇ ରଖନ୍ତି । ଇତ୍ୟବସରରେ ତିନିବାଡ଼ର ପୂଜାଠା' ସାମଗ୍ରୀ ପୃଥକ୍ ଭାବେ ତିନିରଥରେ ରଖାଯାଏ । ବିନା ଚିତାରେ ବହିର୍ଯାତ୍ରା ସଫଳ ତଥା ଶୁଭଙ୍କର ନୁହେଁ । ତେଣୁ ତେଲିଙ୍ଗିବାଜା, ଘଣ୍ଟ, ଛତା ଓ କାହାଳୀ ସହ ଲେଙ୍କା ଓ ପାଇକମାନେ ସ୍ୱର୍ଣ୍ଣକାରଙ୍କ ଗୃହକୁ ଚିତା ଆଣିବା ପାଇଁ ଯାତ୍ରା କରନ୍ତି । ପୂର୍ବରୁ ସ୍ୱର୍ଣ୍ଣକାରମାନେ ଭଣ୍ଡାରରୁ ଆବଶ୍ୟକ ସାମଗ୍ରୀ ନେଇ ତିନିଠାକୁରଙ୍କ ପାଇଁ ପ୍ରସ୍ତୁତ କରିଥିବା ଚିତାକୁ ନବବସ୍ତ୍ର ଆଚ୍ଛାଦନ ପୂର୍ବକ ନୂତନ ଚାଙ୍ଗଡ଼ାରେ ପାହାଡ଼ା ପକାଇ ରଖିଥାନ୍ତି । ଚିତାମାନ ସସମ୍ମାନେ ପଟୁଆରରେ ଆଣି ରଥ ଉପରେ ଦଇତାମାନଙ୍କୁ ଦେବା ପରେ ସେମାନେ ଶ୍ରୀଜୀଉ ତ୍ରିମୂର୍ତ୍ତିଙ୍କୁ ସୋଲଚିତା ଲାଗିକରନ୍ତି । ଚିତାଲାଗି ପରେ ସିଂହାରୀମାନେ ମହାପ୍ରଭୁମାନଙ୍କୁ ବୋଇରାଣୀ ଶାଢ଼ୀ, ପାଟ ଖଣ୍ଡୁଆ, ଶିରରେ ଶିରିପାଟ ପିନ୍ଧାନ୍ତି । ସ୍କନ୍ଧ ଓ ହସ୍ତଦେଶକୁ ସ୍ପର୍ଶ କରୁଥିବା ପହରଣ ଓ ହସ୍ତରେ ବାରଲାଗି ନେତଫୁଟା ପରିଧାନ କରାନ୍ତି । ଏକଦା ଦାସିଆ ବାଉରୀ ପ୍ରଦତ୍ତ ନଡ଼ିଆକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଶ୍ରୀହସ୍ତ ପ୍ରସାରଣ ପୂର୍ବକ ଗ୍ରହଣ କରିଥିବାରୁ ତାହାରି ସ୍ମୃତିରେ ପ୍ରହରାଜପୁର ବାଲିଗାଁ ଓ ରେବତୀରମଣ ମୌଜାରୁ 'ଦାସିଆଭେଟି' ନାମରେ ପ୍ରସିଦ୍ଧ ତିନୋଟି ଲେଖାଏଁ ମାଳଚୂଳ ଓ ତିନୋଟି ନଡ଼ିଆ ଆସିଥାଏ । ଠାକୁରମାନଙ୍କୁ ପାଟବସ୍ତ୍ରରେ ବେଶ କରିବାର ବିଧି ସମାପନାନ୍ତେ ନାସାରେ ଫୁଲର ନାକୁଆସୀ, ଗୁଣା, ତିଳକ, ଅଧରମାଳି ସମେତ ଅନ୍ୟାନ୍ୟ ମାଳଚୂଳ ଲାଗି କରି ମନୋମୁଗ୍ଧକର ରଥାରୂଢ଼ ବେଶରେ ସିଂହାରୀମାନେ ସଜାଇ ଦେଲାପରେ ଗଜପତି ମହାରାଜାଙ୍କର ମାର୍ଗ ପରିଷ୍କାର କର୍ମ [୧୫]/ ଛେରାପହଁରା ସେବା ନିମିତ୍ତ ପ୍ରତୀକ୍ଷା କରାଯାଏ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଧାନ ସେବକ ଗଜପତିଙ୍କର ସେବା ସର୍ବଜନ ଉପଭୋଗ୍ୟ ତଥା ପ୍ରକୃଷ୍ଟ କାର୍ଯ୍ୟ ଛେରାପହଁରା ହେଲେ ହେଁ ଅନ୍ୟ ଯେଉଁ ସେବକଗଣ ଆନୁଷଙ୍ଗିକ ସହାୟତା ପ୍ରଦାନ ପୂର୍ବକ ଅପରିହାର୍ଯ୍ୟ ଭୂମିକା ନିର୍ବାହ କରିଥାନ୍ତି ସେ ସମ୍ବନ୍ଧରେ ନିମ୍ନରେ ସବିଶେଷ ବିବରଣୀ ପ୍ରଦତ୍ତ ହେଲା ।

**୧. କାହାଳିଆ :-** ଛେରାପହଁରା ସେବାର ପ୍ରତ୍ୟେକ ପର୍ଯ୍ୟାୟ ଆରମ୍ଭ ଓ ଉଦ୍‌ଯାପନରେ କାହାଳିଆ କାହାଳୀ ବଜାନ୍ତି । **୨. ରାଜଗୁରୁ :-** ଛେରାପହଁରାରେ ବ୍ୟବହୃତ ପ୍ରତ୍ୟେକ ଉପଚାର ଓ ଉପକରଣକୁ ରାଜଗୁରୁ ବିହିତ ମନ୍ତ୍ରପାଠ ପୂର୍ବକ ସଂସ୍କାର କରି ଗଜପତିଙ୍କୁ ଦେଇଥାନ୍ତି । ପୁନଶ୍ଚ ଏହି ସେବା ସମୟରେ ଗଜପତିଙ୍କୁ ପ୍ରଦତ୍ତ ଶିରକପଡ଼ା ପ୍ରଭୃତି ପ୍ରତ୍ୟେକ ସାମଗ୍ରୀକୁ ସେ ଅଭିମନ୍ତ୍ରିତ କରିଥାନ୍ତି । **୩. ଗରାବଡୁ :-** ଅନ୍ୟ ସେବକମାନଙ୍କଠାରୁ ଛେରାପହଁରାରେ ବ୍ୟବହୃତ ବିଭିନ୍ନ ଉପକରଣ ଗ୍ରହଣ କରିବା ପୂର୍ବରୁ ଗଜପତି ପ୍ରତିଥର ହସ୍ତ ପ୍ରକ୍ଷାଳନ କରିଥାନ୍ତି । ଏହାକୁ ହାତୁଆଣି (ହାତକୁ ପାଣି ଦିଆ ଯିବା) କୁହାଯାଏ । ଉକ୍ତ ହାତୁଆଣି ଯୋଗାଇବା ନିମିତ୍ତ ସୁନାଝରିରେ ଜଳ ଭରି ଗରାବଡୁ ସେବକ ସତତ ଅପେକ୍ଷାରତ ଥାନ୍ତି । **୪. ଭଣ୍ଡାର ମେକାପ :-** ଶ୍ରୀଜୀଉଙ୍କ ରତ୍ନଭଣ୍ଡାରରୁ ସୁନାଝରି, ସୁନାର କର୍ପୂର ଦାନି, ରୌପ୍ୟ ପିଙ୍ଗଣ, ତାମ୍ରପତ୍ର, ସୁବର୍ଣ୍ଣ ବେଷ୍ଟଯୁକ୍ତ ସମାର୍ଜନୀ, ସ୍ୱର୍ଣ୍ଣଦଣ୍ଡଯୁକ୍ତ ଆଲଟଚାମର ପ୍ରଭୃତି ଆଣି ଛେରାପହଁରା ସେବାରେ ଯଥାକାଳରେ ବ୍ୟବହାର ପାଇଁ ଯୋଗାଇ ଦେଇଥାନ୍ତି । **୫. ଦୟଣାମାଳି :-** ଫୁଲମାଳ ଓ ଶୁକ୍ଳପୁଷ୍ପ ଯୋଗାଇଥାନ୍ତି । **୬. ଘଟୁଆରୀ :-** ଗୋଲାଚନ୍ଦନ ଓ ଘୋରାଚନ୍ଦନ ଯୋଗାଇଥାନ୍ତି ।

ଛେରାପହଁରା ନିମିତ୍ତ ଗଜପତିଙ୍କ ଶୁଭାଗମନ ଏକ ଶାସ୍ତ୍ରୀୟ ବିଧି ଅନୁସରଣରେ ଆୟୋଜିତ ହୋଇଥାଏ । ଠାକୁରମାନେ ରଥାରୋହଣ ପରେ ଆଲୋଚ୍ୟ ବିଭିନ୍ନ ନୀତି ସମ୍ପାଦନ ପାଇଁ ଅନେକ ସମୟ ଆବଶ୍ୟକ ହେଉଥିଲେ ହେଁ ଛେରାପହଁରା ଉପଲକ୍ଷେ ଗଜପତିଙ୍କ ଆଗମନରେ ବିଳମ୍ବ ହେଉଛି ବୋଲି ସର୍ବସାଧାରଣରେ ଧାରଣା ସୃଷ୍ଟି ହୋଇଥାଏ । ଗଜପତି ରଥ ସେବା ଉଦ୍ଦେଶ୍ୟରେ ଉପବାସ ବ୍ରତ ଆଚରଣ ପୂର୍ବକ ପୂର୍ବାହ୍ଣରେ ରାଜନଅର ମଧ୍ୟସ୍ଥ ଦେବାର୍ଚ୍ଚନ କକ୍ଷରେ ଶ୍ରୀଗଣେଶ, ବିଷ୍ଣୁ, ଶିବ, କନକଦୁର୍ଗା ଓ ସୂର୍ଯ୍ୟ ଆଦି ପଞ୍ଚ ଇଷ୍ଟଦେବତାଙ୍କୁ ରାଜଗୁରୁଙ୍କ ଉପସ୍ଥିତିରେ ଯଥାରୀତି ପୂଜାର୍ଚ୍ଚନା କରିବା ପରେ ରାଜଗୁରୁ ଦଶବିଧ ଉପଚାର ପ୍ରୟୋଗରେ ଗଜପତିଙ୍କ ମଙ୍ଗଳାରୋପଣ [୧୬] ସମ୍ପାଦନ କରିଥାନ୍ତି । ତତ୍‌ପରେ ଶ୍ରୀନଅର ସେବାୟତ ବାରିକ ଓ ମାପିସ୍ତା (ଦରଜି) ଗଜପତିଙ୍କୁ ରଥସେବା ପୋଷାକ ପରିଧାନ କରାଇଥାନ୍ତି । ଗଜପତିଙ୍କ ଛେରାପହଁରାକାଳୀନ ବେଶ ଅତୀବ ରମଣୀୟ ତଥା ଚିତ୍ତାକର୍ଷକ । ଇତ୍ୟବସରରେ ଗଜପତି ସାଧାରଣତଃ ଶ୍ୱେତ ଚପକନ, ଶୁକ୍ଳ ଚୁଡ଼ିଦାର ସହ ରକ୍ତବର୍ଣ୍ଣର ପାଛୁଡ଼ା (ଉତ୍ତରୀୟ) ପରିଧାନ ପୂର୍ବକ ନୀଳ କମରପଟି ଓ ଲାଲ ପଇତାପଟି ବାନ୍ଧି କମରରେ ରାଜଦଣ୍ଡ /ଖଡ୍ଗ ଝୁଲାଇ ମୁଣ୍ଡରେ ଶୁଭ୍ରପାଗ ତଥା ପରଚୂଳ ପିନ୍ଧି ଉନ୍ନତ ପରିପାଟୀରେ ଭୂଷିତ ହୋଇ ଛେରାପହଁରା ଆମନ୍ତ୍ରଣକୁ ଅପେକ୍ଷା କରିଥାନ୍ତି ।

ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବେହେରାକରଣ ପ୍ରୋକ୍ତ ସେବାନିର୍ବାହ ନିମିତ୍ତ ଗଜପତିଙ୍କୁ ଔପଚାରିକ ଅନୁରୋଧ ଜଣାଇଥିଲେ ମଧ୍ୟ ଶ୍ରୀଜୀଉଙ୍କର ରଥାରୋହଣ ପରେ ମାଳଚୂଳ ଲାଗି ସମାପନାନ୍ତେ ଦେଉଳକରଣ, ତଢ଼ାଉକରଣ, କୋଠକରଣ ଓ ଚାଙ୍ଗଡ଼ାକରଣ ପ୍ରଭୃତି ସେବାୟତଗଣ ଆଜ୍ଞାମାଳ ନେଇ ଗଜପତିଙ୍କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଯାଆନ୍ତି । ସେମାନେ ରାଜନଅରରେ ପହଞ୍ଚିବା ପରେ ବିଜେ କାହାଳୀ ବାଜିବା ମାତ୍ରେ ବେଦଜ୍ଞମାନଙ୍କ ସ୍ତୋତ୍ର ପାଠ ଓ ଗ୍ରହବିପ୍ରଙ୍କ ମଙ୍ଗଳାଷ୍ଟକ ପାଠ ମଧ୍ୟରେ ସ୍ୱୟଂ ଗଜପତି ରାଜଲକ୍ଷ୍ମୀ କନକଦୁର୍ଗାଙ୍କୁ ଦର୍ଶନ ପୂର୍ବକ ରାଜଉଆସରୁ ବିଜେ କରନ୍ତି । ପୂର୍ବେ ଯେତେବେଳେ ଗଜପତି ବାଲିସାହିସ୍ଥ ପୁରୁଣା ରାଜଉଆସ[୧୭]ରେ ଅବସ୍ଥାନ କରୁଥିଲେ; ତହାଳରେ ରାଜାସାହେବ ଶ୍ୟାମାକାଳୀଙ୍କୁ ଦର୍ଶନ କରି ଛେରାପହଁରା ପାଇଁ ଯାତ୍ରାରମ୍ଭ କରୁଥିଲେ । ଗଜପତିଙ୍କ ସହଯାତ୍ରୀ ହିସାବରେ ଥାଟରାଜ, କୁମାର ସାହେବ, ପାଟଜେମାଙ୍କ ଗହଣରେ ଶ୍ରୀନଅରର ତିନି ପରିଛା, ପାଟଜେନା, ପାଟସାହାଣୀ, ବକ୍ସି, ରାଜଗୁରୁ, ରାୟଗୁରୁ ପ୍ରଭୃତି ରାଜକର୍ମଚାରୀ[୧୮] ଆସିଥାନ୍ତି । କାଶୀର ରାଜା 'ନରପତି', ମଦ୍ରଦେଶର ରାଜା 'ଅଶ୍ୱପତି', ମହାରାଷ୍ଟ୍ରର ରାଜା 'ଛତ୍ରପତି' ନାମରେ ପ୍ରସିଦ୍ଧି ଲାଭ କରିଥିବା ସ୍ଥଳେ ଓଡ଼ିଶାର ମହାରାଜା 'ଗଜପତି' ନାମରେ ପରିଚିତ । ପୂର୍ବେ ଗଜପତି ହସ୍ତୀପୃଷ୍ଠରେ ଆରୋହଣ ପୂର୍ବକ ଛେରାପହଁରା ନିମିତ୍ତ ଶୁଭାଗମନ କରୁଥିଲେ । ସମୟର ପରିବର୍ତ୍ତନ ସହିତ ପରମ୍ପରା ବିବର୍ତ୍ତିତ ହୋଇଯାଇଛି । ସମ୍ପ୍ରତି ଗଜପତି ମହାରାଜା ରାଜନଅରରେ ସଂରକ୍ଷିତ ରୌପ୍ୟଖଚିତ ତଥା ସୁସଜ୍ଜିତ ଏକ ତାମ୍‌ଯାନ/ମେହେନା/ହାନ୍ଦୋଳା/ପାଲିଙ୍କିରେ ଉପବେଶନ ପୂର୍ବକ ଯେତେବେଳେ ରାଜନବରରୁ ଆସୁଛନ୍ତି; ସେତେବେଳେ ସେହି ପୂର୍ବସ୍ମୃତିର ସ୍ମାରକୀ ବହନ କରି ପଟୁଆରର ପୁରୋଭାଗରେ କେବଳ ପାଟହାତୀ ରାଜାସାହେବଙ୍କର ବାଟ କଢ଼େଇ ଆଣିବାରେ ସହାୟତା କରୁଛି ମାତ୍ର ।

ଦିନ ଥିଲା ଯେତେବେଳେ ଗଜପତି ରାଜନବର ଠାରୁ ବଡ଼ଦାଣ୍ଡ ଓଳେଇ ଓଳେଇ ରଥପର୍ଯ୍ୟନ୍ତ ଆଗମନ କରୁଥିଲେ । ପାଟହାତୀ-ପାଟଛତି ସଲଟଣରେ ତାମ୍‌ଯାନରେ ଆଗମନ କରିବା ହୁଏତ ପରବର୍ତ୍ତୀକାଳୀନ ଚଳଣି ରୂପେ ସ୍ୱୀକୃତି ଲାଭ କରିଛି । ଉକ୍ତ ଶୋଭାଯାତ୍ରାରେ ଘଣ୍ଟା/ତେଲିଙ୍ଗୀ ବାଦ୍ୟ ବ୍ୟବସ୍ଥା ଏକ ସୁନିର୍ଦ୍ଦିଷ୍ଟ ବିଧି ରୂପେ ଗୃହୀତ ହୋଇଥିବାରୁ ପ୍ରୋକ୍ତ ଛେରାପହଁରା ସେବା କୌଣସି ତେଲୁଗୁ ଗଜପତିଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିବା ଅନୁମେୟ । ଲକ୍ଷେ ରାଜାର ମଉଡ଼ମଣି ଗଜପତି ହେଉଛନ୍ତି ଏକମାତ୍ର ମହାରାଜା, ଯିଏକି ଏହି ଶୋଭାଯାତ୍ରାରେ ଆଗମନ କରୁଥିବା ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ର ଶ୍ୱେତବର୍ଣ୍ଣର ଛତି, ତ୍ରାସ, ଆଲଟ ଓ ଚାମର ପ୍ରଭୃତି ବ୍ୟବହାର କରିଥାନ୍ତି । ତତ୍‌ସହିତ ଶ୍ରୀକ୍ଷେତ୍ରାବସ୍ଥିତ ବିଭିନ୍ନ ଜାଗାଆଖଡ଼ାର ଭେଣ୍ଡିଆମାନେ କରପଇଠ ଦ୍ୱାରା ଏକ ନିରାପତ୍ତା ବଳୟ ସୃଷ୍ଟି କରି ଗଜପତିଙ୍କୁ ରଥ ପର୍ଯ୍ୟନ୍ତ ବାଟ ବଳେଇ ଆଣିଥାନ୍ତି ।

ଗଜପତି ଶୋଭାଯାତ୍ରାରେ ଆସି ସର୍ବପ୍ରଥମେ ବଡ଼ଠାକୁର ବଳଦେବଙ୍କ ତାଳଧ୍ୱଜ ରଥ ସମୀପରେ ଉପସ୍ଥିତ ହେଲା ପରେ ଦଇତାପତିମାନେ ସାନୁନୟ ତାଙ୍କୁ ଚାରମାଳ ଉପରେ ବଡ଼ବାଡ଼ ରଥ ଉପରକୁ ପାଛୋଟି ନିଅନ୍ତି । ଗଜପତି ରଥାରୋହଣ କରିବାର ଅବ୍ୟବହିତ ପୂର୍ବରୁ ରଥ ଉପରେ ଗରାବଡୁ ପାଣିଝରି ଧରି, ମେକାପ ସୁବର୍ଣ୍ଣ ଆରତୀଦାନି, ଚାନ୍ଦିର ଧୂପଦାନି, ଆରତୀକାଠି, ଆଲଟ-ଚାମର ଓ କର୍ପୂର ଧରି; ମୁଦୁଲି ସୁବର୍ଣ୍ଣ ଖଡ଼ିକା ଓ ରୌପ୍ୟ ପିଙ୍ଗଣ ଧାରଣ କରି; ଦୟଣାମାଳି ଧବଳପୁଷ୍ପ ଓ ଘଟୁଆରୀ ଘୋରାଚନ୍ଦନ ସହ ଝୁରାଚନ୍ଦନ ଧରି ଗଜପତିଙ୍କ ଛେରାପହଁରା କାର୍ଯ୍ୟ ସଂପାଦନ କରିବା ନିମିତ୍ତ ଉପସ୍ଥିତ ଥାଆନ୍ତି । ଗଜପତି ସର୍ବପ୍ରଥମେ ରଥଗର୍ଭ ସିଂହାସନର ସାମୀପ୍ୟ ଲାଭକରି ବଡ଼ଠାକୁର ବଳଭଦ୍ରଙ୍କୁ ଦଣ୍ଡପ୍ରଣାମ ହେବାପରେ ଗରାବଡୁ ଠାରୁ ହାତୁଆଣି ନେଇ ମହାପ୍ରଭୁଙ୍କୁ ନିଉଛାଳି ଅର୍ଥାତ୍ ଦୁଇଖଣ୍ଡ ଶୁକ୍ଳବସ୍ତ୍ର ଲାଗି କରନ୍ତି । ତତ୍‌ପରେ ଦୟଣାମାଳି ଠାରୁ ଫୁଲ ଓ ଘଟୁଆରୀ ଠାରୁ ଚନ୍ଦନ ନେଇ ଶ୍ରୀଜୀଉଙ୍କୁ ଫୁଲଚନ୍ଦନ ଲାଗି କରିବା ପରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ସୁନା ଆରତୀଦାନିରେ ମନ୍ଦିର ପ୍ରଶାସନ ଯୋଗାଇ ଦେଇଥିବା କର୍ପୂର ବସାଇ କର୍ପୂର ଆଳତି ବଢ଼ାନ୍ତି । ଏହାପରେ ମେକାପ ଠାରୁ ସ୍ୱର୍ଣ୍ଣବେଷ୍ଟିଯୁକ୍ତ ଆଲଟଚାମର ନେଇ ବଡ଼ଠାକୁରଙ୍କୁ ଆଲଟ ଚାମର ସେବା କରିସାରିବା ପରେ ପୁନଃ ପୁନଃ ପ୍ରଣାମ ଜ୍ଞାପନ ପୂର୍ବକ ଶ୍ରୀପୟରମାଳା ଗ୍ରହଣ କରି ଚକାବଇଠିରୁ ଓହ୍ଲାଇ ଆସନ୍ତି । ସ୍ଥୂଳତଃ ଛେରାପହଁରାର ଉପକ୍ରମ ସଦୃଶ ଗଜପତି ମହାରାଜା ପର୍ଯ୍ୟାୟକ୍ରମେ ଯେଉଁ ଶ୍ରୀଜୀଉଦର୍ଶନ, ଦଣ୍ଡପ୍ରଣାମ, ନିଉଛାଳି ପ୍ରଦାନ, ମାଳଚୂଳ ଓ ଫୁଲଚନ୍ଦନ ଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ଆଲଟଚାମର ପ୍ରଭୃତି ପ୍ରାରମ୍ଭିକ ବିଧି ସମ୍ପାଦନ କରନ୍ତି;

ତାହାକୁ ଶ୍ରୀମନ୍ଦିର ପରିଭାଷାରେ ରାଜନୀତି କୁହାଯାଏ । ପ୍ରତ୍ୟେକ ସେବା ଶେଷ ଓ ଅନ୍ୟ ସେବା ଆରମ୍ଭ ପୂର୍ବରୁ ଗଜପତି ଗରାବଡୁ ଠାରୁ ହାତୁଆଣି ନେଇ ହସ୍ତ ପ୍ରକ୍ଷାଳନ କରିଥାନ୍ତି । ତତ୍‌ସହିତ କାହାଳୀ ବାଜି ଗୋଟିଏ ସେବା ଶେଷ ପରେ ପରବର୍ତ୍ତୀ ସେବାର ଆରମ୍ଭ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଉଥାଏ ।

ଛେରାପହଁରାରେ ଅନୁସୃତ ପ୍ରୋକ୍ତ ପ୍ରାରମ୍ଭିକ ବିଧି ସମାପନାନ୍ତେ ଗଜପତି ରଥଗର୍ଭରୁ ନିଷ୍କ୍ରାନ୍ତ ହେବାପରେ ବାସ୍ତବ ଛେରାପହଁରା ପର୍ବ ଆରମ୍ଭ ହୋଇଥାଏ । କାହାଳୀ ବାଜିବା ପରେ ଦୟଣାମାଳି ପ୍ରଦତ୍ତ ଧବଳପୁଷ୍ପକୁ ଭଣ୍ଡାରମେକାପ ଏକ ରୌପ୍ୟପିଙ୍ଗଣରେ ଧରି ମହାପ୍ରଭୁ ଅବସ୍ଥାନ କରୁଥିବା ରଥଗର୍ଭର ଚତୁଃପାର୍ଶ୍ୱସ୍ଥ ରଥଭୂମି ବା ରଥପୀଠରେ ତାହା ପକାଇବା ସହ ରଥ ମାର୍ଜନା ପାଇଁ ଗଜପତିଙ୍କୁ[୧୯] ଅନୁରାଧ ଜଣାନ୍ତି । ପୁନଶ୍ଚ ତୂରୀ ବାଜିବା ପରେ ରାଜଗୁରୁଙ୍କ କର୍ତ୍ତୃକ ଅଭିମନ୍ତ୍ରିତ ସୁନାବେଣ୍ଟ ସଂଯୁକ୍ତ ଖଡ଼ିକା ନେଇ ଗଜପତି ବଡ଼ଠାକୁରଙ୍କୁ ଦକ୍ଷିଣରେ ରଖି ବିଚ୍ଛୁରିତ ପୁଷ୍ପରାଶିକୁ ଓଳେଇ ଓଳେଇ ରଥବେଦୀ ପରିକ୍ରମା କରନ୍ତି । ଏହି କର୍ମର ପରିସମାପ୍ତିରେ ପୁଣି ତୂରୀ ବାଜିଉଠେ । ଉକ୍ତ ସମାର୍ଜନ ପ୍ରକ୍ରିୟା ନିମିତ୍ତ ପ୍ରତିହାରୀ ଓ ଦଇତାଗଣ ଗଜପତିଙ୍କୁ ସବିନୟେ ମାର୍ଗ ପ୍ରଦର୍ଶନ କରାଇଥାନ୍ତି । ଏହି ଅବସରରେ ରାଜପରିବାରର ଉପସ୍ଥିତ ସଦସ୍ୟ ତଥା ରାଜପାରିଷଦ ବର୍ଗ ଗଜପତିଙ୍କ ଅନୁଗମନ କରିଥାନ୍ତି । ଭାବେ ପ୍ରଥମ ବାର ମାର୍ଜନା ପରେ ସଂସ୍କାରକର୍ମ ଆରମ୍ଭ ହୁଏ । ଅର୍ଥାତ୍ ରୌପ୍ୟ ପିଙ୍ଗଣରେ ଘଟୁଆରୀ ପ୍ରଦତ୍ତ ଘୋରାଚନ୍ଦନ ଓ ତାମ୍ରପାତ୍ରରେ ଝୁରାଚନ୍ଦନ କୁ ରାଜଗୁରୁ ସଂସ୍କାର କରି ଯଥାକ୍ରମେ ତଢ଼ାଉକରଣ ଓ ଦେଉଳକରଣଙ୍କୁ ଅର୍ପଣ କରନ୍ତି । କାହାଳୀ ବାଜିବା ପରେ ରାଜଗୁରୁଙ୍କ ସଙ୍କେତ କ୍ରମେ ତଢ଼ାଉକରଣ ଧାରଣ କରିଥିବା ରୂପାପାତ୍ରରୁ ବହଳିଆ ଘୋରା ଚନ୍ଦନ ନେଇ ରଥଭୂମିରେ ଅଭିସିଞ୍ଚନ ପୂର୍ବକ ଦ୍ୱିତୀୟ ବାର ରଥ ପରିକ୍ରମଣ କରାଯାଏ । ଏହି କର୍ମ ସରିବା ପରେ ପବିତ୍ରୀକରଣ କାର୍ଯ୍ୟ ଆରମ୍ଭ ହୋଇଥାଏ, ଅର୍ଥାତ୍ ପୁନର୍ବାର କାହାଳୀ ବାଜିଲେ ଦେଉଳକରଣ ତାମ୍ରପାତ୍ରରୁ ଚନ୍ଦନଗୁଣ୍ଡ ବିଞ୍ଚିବା ପରେ ଗଜପତି ସଙ୍ଗେ ସଙ୍ଗେ କନକ ସମାର୍ଜନୀରେ ରଥଭୂମି ଚତୁଃପାର୍ଶ୍ୱ ସଂମାର୍ଜନ (ପହଁରା) କରି ତୃତୀୟବାର ରଥ ପରିକ୍ରମା ସମାପ୍ତ କରନ୍ତି । ତତ୍‌ପରେ ଗଜପତି ରଥଗର୍ଭସ୍ଥ ସିଂହାସନ ସମୀପକୁ ଯାଇ ବଡ଼ଠାକୁରଙ୍କୁ କୋଳ କରିବା ସହ ଶ୍ରୀପୟରରେ ପ୍ରଣାମ ଜ୍ଞାପନ କରନ୍ତି । ଇତ୍ୟବସରରେ ଦଇତାପତିମାନେ ଶ୍ରୀପୟରମାଳା, ଶିରକାପଡ଼ା ଓ ଶ୍ରୀମହାପ୍ରସାଦ ଆଣି ପିଙ୍ଗଣରେ ଦିଅନ୍ତି । ରାଜଗୁରୁ ଗଜପତିଙ୍କର ମଥାରେ ସ୍ପର୍ଶ କରାଇ ତାଙ୍କ ଗଳାରେ ପିନ୍ଧାଇ ଦିଅନ୍ତି । ଅନୁରୂପ ବିଧିରେ ମାର୍ଜନ, ସଂସ୍କାର ଓ ପବିତ୍ରୀକରଣ ନିମିତ୍ତ ତ୍ରିବାର ରଥ ପରିକ୍ରମା ସମାପନାନ୍ତେ ତାଳଧ୍ୱଜ ରଥରୁ ଓହ୍ଲାଇ ମେହେନାରେ ଯଥାକ୍ରମେ ନନ୍ଦିଘୋଷ ଓ ଦେବଦଳନ ରଥକୁ ଯାଇ ପ୍ରୋକ୍ତ କ୍ରମରେ ଛେରାପହଁରା ସାରି ତାମଯାନରେ ସଲଟଣ ସହିତ ରାଜବାଟୀକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଉକ୍ତ ରଥ ସେବା କରିବା ନିମିତ୍ତ ଉପବାସ ବ୍ରତ ପାଳନ କରୁଥିବା ଗଜପତି ମହାରାଜା ଛେରାପହଁରା କାର୍ଯ୍ୟ ପରିସମାପ୍ତିରେ ହବିଷ୍ୟାନ୍ନ ସେବନକରି ଶ୍ରୀଜୀଉମାନଙ୍କର ମନୋଜ୍ଞ ରଥୋତ୍ସବ ସନ୍ଦର୍ଶନ ନିମିତ୍ତ ରାଜପ୍ରାସାଦ ଉପରେ ବିରାଜମାନ କରନ୍ତି ।

ରଥଯାତ୍ରାର ଜାତୀୟ ପରମ୍ପରାରେ ଗଜପତିଙ୍କ ଚଣ୍ଡାଳ ସେବା 'ଛେରାପହଁରା'ର ତାତ୍ପର୍ଯ୍ୟ ମାନବିକ ମୂଲ୍ୟବୋଧ ଆଧାରିତ ଅଟେ । ଶ୍ରୀଜଗନ୍ନାଥ ସଂସ୍କୃତିରେ ଜାତି ବିଚାରରେ କେହି ନିନ୍ଦନୀୟ କିମ୍ବା ବରେଣ୍ୟ ନୁହେଁ । ସର୍ବୋପରି ଶ୍ରୀମହାପ୍ରଭୁଙ୍କ ସେବାନୀତି ସମ୍ପାଦନାରେ କର୍ମ ବିଭାଜନ ଦୃଷ୍ଟିରୁ କୌଣସି କର୍ମ ଘୃଣ୍ୟ ଅଥବା ବରଣୀୟ ନୁହେଁ[୨୧] । ଶ୍ରୀଜୀଉଙ୍କ ଦରବାରରେ ରାଜାପ୍ରଜା ସମସ୍ତେ ସମାନ । ଆମ ସଂସ୍କୃତିରେ ରାଜା ଓ ଚଣ୍ଡାଳ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେଉଁ ସଂସ୍କୃତିରେ ଇନ୍ଦ୍ରଦ୍ୟୁମ୍ନ ଏକଦା ଆଭିଜାତ୍ୟ, ଅହଙ୍କାର ତଥା ସ୍ୱାଭିମାନ ପରିହାର ପୂର୍ବକ 'ମୋ ବଂଶରେ କେହି ନରହୁ' ବୋଲି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ, ତାଙ୍କରି ଦାୟାଦ ଆଜି ଜନତା ଦରବାରରେ ସମାଜର ନିମ୍ନତମ ସେବକ ଝାଡୁଦାର କାର୍ଯ୍ୟନିର୍ବାହକୁ ଏକ ଚରମ ସୌଭାଗ୍ୟ ତଥା ପରମକର୍ତ୍ତବ୍ୟ ରୂପେ ଆପଣେଇ ନେଇଛନ୍ତି । 'ଶ୍ରୀମଦ୍ ଭାଗବତ ଗୀତା' ଯେଉଁ ଅନାସକ୍ତ କର୍ମବାଦର ଉଦ୍‌ଘୋଷଣ କରିଛି; ଗଜପତିଙ୍କ ଛେରାପହଁରା ସେବାରେ ତାହା ହିଁ ମୁଖ୍ୟତଃ ପ୍ରତିଫଳିତ ହୋଇଥାଏ । ଦେବତାଙ୍କ ସେବାରେ ରାଜା ଓ ଚଣ୍ଡାଳର ଭେଦ ନାହିଁ । ଶ୍ରୀଜଗନ୍ନାଥ ସଂସ୍କୃତିରେ ରାଜା ହୋଇଛି ଚଣ୍ଡାଳ । ସନାତନ ଧର୍ମରେ ସମନ୍ୱୟ ସାଧନା ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ରାଜା ସାଧାରଣତଃ ରାଜୋଚିତ କାର୍ଯ୍ୟ କରିଥାନ୍ତି; ମାତ୍ର ସାମାଜିକ ଚଳଣିବୋଧରେ

ନିକୃଷ୍ଟ ବିବେଚିତ ଚଣ୍ଡାଳର କର୍ମ ଗଜପତିଙ୍କ ଦ୍ୱାରା ସମ୍ପାଦିତ ହେବା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିରେ ତାଙ୍କର ସର୍ବୋତ୍କୃଷ୍ଟ ସେବା । ଯେଉଁ ସଂସ୍କୃତିରେ ପରମବିଷ୍ଣୁ ଶ୍ରୀଜଗନ୍ନାଥ ସ୍ୱୟଂ ପତିତପାବନ, ସେହି ସଂସ୍କୃତିରେ ଚଳନ୍ତିବିଷ୍ଣୁ ଠାକୁରରାଜା ପତିତ ଜନୋଚିତ ନିମ୍ନସ୍ତରୀୟ ସେବକତୁଲ୍ୟ ଛେରାପହଁରା କରିବା ଏହି ସଂସ୍କୃତିର ବିଶେଷତ୍ୱ । ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ଶ୍ରମର ସମ୍ମାନ ତଥା କର୍ମର ନିର୍ଦ୍ଦିଷ୍ଟ ମୂଲ୍ୟ ରହିଛି । ଶ୍ରୀଜଗନ୍ନାଥଙ୍କ ଛେରାପହଁରା ବିଧିରେ କର୍ମର ମହନୀୟତା ସହିତ ଶ୍ରମର ସମ୍ମାନବୋଧ ହିଁ ପ୍ରତିପାଦିତ ହୋଇଅଛି । କ୍ଷତ୍ରିୟୋଚିତ ପରିପାଟୀରେ ଭୂଷିତ ସ୍ୱୟଂ ଗଜପତି, ବ୍ରାହ୍ମଣ୍ୟ ପଦ୍ଧତିରେ ପୂଜାର୍ଚ୍ଚନା କରି ବୈଶ୍ୟତୁଲ୍ୟ ପ୍ରତିଦାନରେ ମାଳପ୍ରସାଦ ଓ ଶିରକାପଡ଼ା ଗ୍ରହଣ ପୂର୍ବକ ଶୂଦ୍ରୋଚିତ ବିଧିରେ ଛେରାପହଁରା କାର୍ଯ୍ୟ ନିର୍ବାହ କରିଥାନ୍ତି । ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ଯେଉଁ ଶ୍ରୀଜଗନ୍ନାଥ, ତାଙ୍କର ମହନୀୟ ସେବାବିଧିରେ ଛେରାପହଁରା ସେବାନୀତି ହେଉଛି; ଚତୁର୍ବର୍ଣ୍ଣର ଏକ ସାର୍ଥକ ସମନ୍ୱୟ ତଥା ସାମ୍ୟବାଦର ପ୍ରକୃଷ୍ଟ ଉଦାହରଣ ।

❒❒❒

**ନୂଆଗାଁ, ଇତିପୁର,**
**ଭୁବନେଶ୍ୱର -୨**

୧. ଛେରାପହଁରା ପରିଚ୍ଛା - ଶ୍ରୀଜଗନ୍ନାଥଙ୍କ ସେବକ ବିଶେଷ ।

୨. ରଥଚକଡ଼ା - ଭିକାରି ପଟ୍ଟନାୟକଙ୍କ ଲିଖିତ ଓ ବଡ଼ ଓଡ଼ିଆ ମଠରେ ସଂରକ୍ଷିତ ।

୩. ଏଜନ ।

୪. ଛେରା ପହଁରା - ହରିହର ବାହିନୀପତି, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ଦ୍ୱିତୀୟ ସ୍ତବକ, ପୃ-୩୦୬ ।

୫. ବୈଷ୍ଣବ ଲୀଳାମୃତ-ମାଧବ ପଟ୍ଟନାୟକ (ଷୋଡ଼ଶ ଶତାବ୍ଦୀ)ଙ୍କର ଏକ ଅପ୍ରକାଶିତ କାବ୍ୟ ।

୬. ''ଚଣ୍ଡାଳ ପଣରେ ଦେଖ ଖରକଇ ଦାଣ୍ଡ'' - କାଞ୍ଚିକାବେରୀ କାବ୍ୟ, ପୁରୁଷୋତ୍ତମ ଦାସ ।

୭. ଶ୍ରୀଜଗନ୍ନାଥ, ପୂଜାସଂଖ୍ୟା (୧୯୮୨) - ଡ଼ଃ ବଂଶୀଧର ମହାନ୍ତି ସଂପାଦନା, ପୃ ୧୧ ।

୮. ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ଦ୍ୱିତୀୟ ସ୍ତବକ, ପୃ ୩୦୬, ଉତ୍କଳ ପାଠକ ସଂସଦ ପ୍ରକାଶନ ।

୯. ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପି - ଗଜପତି ମହାରାଜା ସେବା, ପୃ୧୨ ।

୧୦.(କ) ଆଗେ ଗଜପତି ଉଭା ହୋଇଥାନ୍ତି ଶିରେ ଯୋଡ଼ି କର ଦୁଇକି । ସୁନା ଶୋଧନୀରେ ମାର୍ଜନା କରନ୍ତି ମହଣ୍ତି ବିଜୟ ଭୂଇକି ॥ (ଗୌରଚରଣ ଅଧିକାରୀ)

(ଖ) ପହଣ୍ଡି ବିଜେ ବେଳେ ଓଡ଼ିଶା ରାଜନ ଚନ୍ଦନ ଛେରା ପକାଇ ଖରକନ୍ତି ପୁଣ । କାଞ୍ଚିକାବେରୀ କାବ୍ୟ (ପୁରୁଷୋତ୍ତମ ଦାସ) ।

୧୧.ବଡ଼ ଓଡ଼ିଆ ମଠରେ ସଂରକ୍ଷିତ ତଥା ଭିକାରି ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ରଥଚକଡ଼ା' ।

୧୨.ନିଜ ବସ୍ତ୍ରେ କୈଲ ପ୍ରଭୁ ଗୃହ ସମାର୍ଜନ । ମହାପ୍ରଭୁ ନିଜବସ୍ତ୍ରେ ମାର୍ଜି ସିଂହାସନ । ଚୈତନ୍ୟ ଚରିତାମୃତ ।

୧୩.ରଥସଂମାର୍ଜନଂ ରାଜା କରୋତି କାଳପୃଷ୍ଠଗାଃ ।

ସର୍ବେ ରଜ୍ଜୁଧରା ରଥାଃ ଗଚ୍ଛନ୍ତି ଦକ୍ଷିଣାମୁଖମ୍ ।

ସପ୍ତଦଶୋଽଧ୍ୟାୟଃ, ଷୋଡ଼ଶ ଶ୍ଳୋକଃ ।

୧୪.ପାଣିଆପଟ-ଶ୍ରୀଜଗନ୍ନାଥଙ୍କ ସେବକ ବିଶେଷଃ ।

୧୫."Travels of Fahian"ରେ ଗଜପତି ରଥ ଆଗରେ ଛେରାପହଁରା କରିବା ସ୍ଥାନିତ ହୋଇଛି ।

୧୬.ଭୂମି ଦୀପଂ ଫଳଂ ଦୂର୍ବା ପୁଷ୍ପଂ ଗୋରଚନା ତଥା

ଦର୍ପଣଂ ଦଧି ସିଦ୍ଧାର୍ଥାଳଙ୍କାରଦଶଦ୍ରବ୍ୟକାଃ

ମଙ୍ଗଳାରୋପଣେ ଧ୍ୟେୟ ସର୍ବବାଧାଦ୍ୟପୋହକମ୍ ।

୧୭.ଛେରା ପହଁରା - ହରିହର ବାହିନୀପତି, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ, ୨ୟ ସ୍ତବକ, ପୃ୩୦୬ ।

୧୮.ରଥ ଚାରିପଟ ଓଳାଇ ଦିଅନ୍ତି ଯାତବେଳେ ପୁରୀରାଜା ।

ପାତ୍ର ମନ୍ତ୍ରୀ କେତେ ରୁଣ୍ଡ ହୋଇଥାନ୍ତି ବାଜୁଥାଏ କେତେ ବାଜା ।

୧୯.ଭବାନ୍ ଭକ୍ତ୍ୟା ରଥାନାଂ ମାର୍ଜନମାଚରେତ୍ । (ନୀଳାଦ୍ରି ମହୋଦୟ)

୨୦.ଦୈନିକ ସମ୍ବାଦ ତା ୨୮.ଜୁନ. ୧୯୮୭ (ରଥଯାତ୍ରା ବିଶେଷାଙ୍କ), ପୃ ୩ ।

୨୧.ଆମ ଏ ରାଇଜେ ନୀଚ କେ ନୁହଇ ହୀନ ନୁହେଁ କାର କର୍ମ ।

ଝାଡୁଧରି ଛେରା ପହଁରା କରିବା ଯେ ଦେଶେ ରାଜାର ଧର୍ମ । (ଉତ୍କଳ ପ୍ରସଙ୍ଗ) ।